# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 06th November – 2025

********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବର୍ଷବ୍ୟାପି ସ୍ମାରକୀ ସମାରୋହର ଆସନ୍ତାକାଲି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

- ବିହାର ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ଶେଷ ହେଲା ମତଦାନ ।

— ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ଜାରି ରହିଛି ପ୍ରଚାର ।

- ରାଜ୍ୟରେ ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାପାଇଁ ୧୪୯ କୋଟି ଟଙ୍କା ମଞ୍ଜୁର କଲେ ସରକାର ।

ଏବଂ

- ଭୁବନେଶ୍ୱରରେ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି ୮୪ତମ ଇଣ୍ଡିଆନ୍ ରୋଡ୍ କଂଗ୍ରେସ ।

*Desk*

# ବନ୍ଦେ ମାତରମ୍

ରାଷ୍ଟ୍ରଗୀତ "ବନ୍ଦେ ମାତରମ୍"କୁ ଆସନ୍ତାକାଲି ୧୫୦ ବର୍ଷ ପୂରଣ ହେବାକୁ ଯାଉଛି । ନୂଆଦିଲ୍ଲୀଠାରେ ଆସନ୍ତାକାଲି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବର୍ଷେବ୍ୟାପୀ ସ୍ମାରକୀ ସମାରୋହର ଉଦ୍‌ଘାଟନ କରିବେ। ଦେଶର ଯୁବବର୍ଗଙ୍କ ମଧ୍ୟରେ ଦେଶପ୍ରେମର ଭାବନାକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଆସନ୍ତାକାଲି ଦେଶର ୧୫୦ଟି ସ୍ଥାନରେ ଏହି ଗୀତର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହିକ୍ରମରେ ରାଜ୍ୟର ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, କେନ୍ଦୁଝର ଏବଂ ରାଉରକେଲାରେ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ । ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ସମ୍ପର୍କରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ନେତାଜୀ ଅଭିନନ୍ଦନ କହିଛନ୍ତି :

***Voice :........***

ଏହି ବର୍ଷେବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କିତ ଏକ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ଗତମାସ ୧ ତାରିଖରେ ମଞ୍ଜୁରୀ ପ୍ରଦାନ କରିଥିଲେ । ଆସନ୍ତାକାଲି ଏହି ଅବସରରେ ପ୍ରାମାଣିକ ଚିତ୍ର ପ୍ରଦର୍ଶନ ହେବା ସହିତ

ପ୍ରଧାନମନ୍ତ୍ରୀ ସ୍ମାରକୀ ଡାକଟିକଟ ଓ ମୁଦ୍ରାର ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି । ସୂଚନା ଅନୁସାରେ ବଙ୍କୀମ୍ ଚନ୍ଦ୍ର ଚାଟାର୍ଜୀ ୧୮୭୫ ମସିହାରେ "ବନ୍ଦେ ମାତରମ୍" ଗୀତର ରଚନା କରିଥିଲେ ।

***Desk***

# ବିହାର ବିଧାନସଭା ନିର୍ବାଚନ

ବିହାର ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ମତଦାନ ଶେଷ ହୋଇଛି । ସନ୍ଧ୍ୟା ୫ଟା ସୁଦ୍ଧା ୬୦ ଦଶମିକ ୧/୩ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ୧୮ଟି ଜିଲ୍ଲାର ୧୨୧ଟି ବିଧାନସଭା ଆସନ ପାଇଁ ଭୋଟ୍‌ଗ୍ରହଣ ହୋଇଥିଲା । ସମଗ୍ର ନିର୍ବାଚନ ପ୍ରକ୍ରିୟାକୁ ତଦାରଖ କରିବା ଲାଗି ୪୫ ହଜାର ୩୪୧ଟି ମତଦାନ କେନ୍ଦ୍ରରେ ୱେବକାଷ୍ଟିଂ ହୋଇଥିଲା ।

ଅନ୍ୟପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ପ୍ରଚାର କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି । ଏହି ପର୍ଯ୍ୟାୟରେ ଆସନ୍ତା ୧୧ ତାରିଖରେ ୨୦ଟି ଜିଲ୍ଲାର ୧୨୨ଟି ଆସନ ପାଇଁ ଭୋଟଗ୍ରହଣ କରାଯିବ ।

*Nuapada/R*

# ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ବିଜେପି, ବିଜେଡି ଏବଂ କଂଗ୍ରେସ ପକ୍ଷରୁ ନିର୍ବାଚନ ପ୍ରଚାର ଜାରି ରହିଛି। ବିଭିନ୍ନ ଦଳର ବରିଷ୍ଠ ନେତାମାନେ ନିଜ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି । ଏହି କ୍ରମରେ ଆଜି ବି.ଜେ.ପି.ର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦଳୀୟ ପ୍ରାର୍ଥୀଙ୍କ ପାଇଁ କୋମନା ଉଦ୍ୟାନବନ୍ଧରେ ରୋଡ୍‌ଶୋ' କରିବା ସହିତ ନିର୍ବାଚନ ପ୍ରଚାର କରିଛନ୍ତି । ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କପାଇଁ ପ୍ରଚାର କରିଛନ୍ତି ।

ବି.ଜେ.ଡି. ପକ୍ଷରୁ ଆସନ୍ତାକାଲି ବରିଷ୍ଠ ନେତା ତଥା ଦଳର ସଭାପତି ନବୀନ ପଟ୍ଟନାୟକ ପ୍ରଚାର କରିବେ । କଂଗ୍ରେସ ପକ୍ଷରୁ ଆଜି ଦଳର ସଭାପତି ଭକ୍ତଚରଣ ଦାସ, ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା, ସପ୍ତଗିରି ଉଲାକା ପ୍ରମୁଖ ନିର୍ବାଚନୀ ପ୍ରଚାର କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

ନୂଆପଡ଼ା ବିଧାନସଭା ଉପନିର୍ବାଚନପାଇଁ ଆସନ୍ତା ୧୧ ତାରିଖରେ ଭୋଟ୍‌ଗ୍ରହଣ କରାଯିବ। ୧୪ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ପ୍ରକାଶ ପାଇବ।

***BBSR/R***

# ପୁଲିସ ଦକ୍ଷତା ବୃଦ୍ଧି କର୍ମଶାଳା

ରାଜ୍ୟ ସରକାର ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାପାଇଁ ୧୪୯ କୋଟି ୯୫ ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି ବୋଲି ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି । ଭୁବନେଶ୍ୱରସ୍ଥିତ ପୁଲିସ ଭବନଠାରେ ଓଡ଼ିଶା ପୁଲିସ, ରେଳବାଇ ଓ ତଟରକ୍ଷୀ ବାହିନୀ ପକ୍ଷରୁ ଦିନିକିଆ ଦକ୍ଷତା ବୃଦ୍ଧି କର୍ମଶାଳାକୁ ଉଦ୍‌ଘାଟନ କରି ଶ୍ରୀ ଖୁରାନିଆ କହିଛନ୍ତି, ପୁଲିସ ଅଧିକାରୀମାନଙ୍କ ବୃତ୍ତିଗତ ଦକ୍ଷତା ଓ କାର୍ଯ୍ୟକୁଶଳତା ବୃଦ୍ଧିପାଇଁ ବୈଷୟିକ ଜ୍ଞାନ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି । କର୍ମଶାଳାରେ ରେଳବାଇ, ତଟରକ୍ଷୀ ବାହିନୀ, ସାଇବର ଅପରାଧ, ଜାତୀୟ ଓ ଅନ୍ତର୍ଜାତୀୟ ସାମୁଦ୍ରିକ ଆଇନ ତଥା ଆଧୁନିକ ପ୍ରଣାଳୀରେ ତଦନ୍ତ ପ୍ରକ୍ରିୟା ଦିଗ ସମ୍ପର୍କରେ ଆଲୋଚନା ହୋଇଛି । ଓଡ଼ିଶା ପୁଲିସକୁ ଦେଶର ସବୁଠୁ ଆଧୁନିକ ତଥା ସୁଦୃଢ଼ କରିବାପାଇଁ ଉଦ୍ୟମ କରାଯାଉଛି ।

ଉପକୂଳ ସୁରକ୍ଷା ପାଇଁ ୧୦ଟି ଆଧୁନିକ ଡ୍ରୋନ୍, ୩ଟି ଟ୍ରଲର୍ ଓ ୧୪୦ ଜଣ ସ୍ୱତନ୍ତ୍ର ପୁଲିସ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି ବୋଲି ଶ୍ରୀ ଖୁରାନିଆ କହିଛନ୍ତି ।

***Desk***

# ଇଣ୍ଡିଆନ୍ ରୋଡ୍ କଂଗ୍ରେସ

ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ଚର୍ତୁଦିବସୀୟ ୮୪ତମ ଇଣ୍ଡିଆନ୍ ରୋଡ୍ କଂଗ୍ରେସ ଆସନ୍ତାକାଲିଠାରୁ ଆରମ୍ଭ ହେବ । କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଏହାର ଶୁଭାରମ୍ଭ କରିବେ । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମିଲ୍ ହେବାର କାର୍ଯ୍ୟସୂଚୀ ରହିଛି । ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ଭାରତର ରାଜମାର୍ଗ, ଭାରତର ଭବିଷ୍ୟତ'।

ଷଷ୍ଠଥର ପାଇଁ ଓଡ଼ିଶାରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଭାରତର ସଡ଼କ ଭିତ୍ତିଭୂମିକୁ ନେଇ ଆଲୋଚନା କରାଯିବ। ଏଥିରେ ବିଭିନ୍ନ ଅଧିବେଶନର ଆୟୋଜନ କରାଯାଇଛି। ସମଗ୍ର ଦେଶରେ ହୋଇଥିବା ଅତ୍ୟାଧୁନିକ ଗବେଷଣା, ସୃଜନପଦ୍ଧତି, ଶିଳ୍ପ କ୍ଷେତ୍ରରେ ହୋଇଥିବା ଉତ୍କର୍ଷ ପ୍ରତି ବିଶେଷଜ୍ଞମାନେ ସମ୍ମିଳନୀରେ ଉପସ୍ଥାପନ କରିବେ। ସଡ଼କ ସମ୍ବନ୍ଧୀୟ ବିଭିନ୍ନ ଦ୍ୱନ୍ଦ୍ୱ ଏବଂ ସମସ୍ୟାର ଦୂର କରିବା ପାଇଁ ନୀତିନିର୍ଦ୍ଧାରକ ଓ ବୃତ୍ତିଧାରୀମାନେ ପରାମର୍ଶ ପ୍ରଦାନ କରିବେ। କାର୍ଯ୍ୟକ୍ରମରେ ୩ ହଜାର ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଭାଗୀ ଯୋଗଦେବେ ବୋଲି ଜଣାପଡ଼ିଛି। ରାଜପଥ ନିର୍ମାଣ ଯନ୍ତ୍ରୀ, ଯୋଜନାକାରୀ, ନୀତି ନିର୍ଦ୍ଧାରକ ଏବଂ ନବନିର୍ମାତାମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ରାଜ୍ୟ ନିର୍ମାଣ ବିଭାଗ ପକ୍ଷରୁ କୁହାଯାଇଛି । ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି

ବିଭାଗ ପକ୍ଷରୁ ରାଜ୍ୟର ପାରମ୍ପରିକ କଳା ଓ ସଂସ୍କୃତିକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

***Bhadrak/R***

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଭଦ୍ରକ ଜିଲ୍ଲାରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି । ଜିଲ୍ଲାରୁ ୧୧୭ ଜଣ ବରିଷ୍ଠ ନାଗରିକ ଆଜି ଅଯୋଧ୍ୟା-ବାରାଣସୀ ଅଭିମୁଖେ ଯାତ୍ରା କରିଛନ୍ତି । ଶ୍ରୀମତୀ ପରିଡ଼ା କହିଛନ୍ତି :

***Voice :.......***

ଉପମୁଖ୍ୟମନ୍ତ୍ରୀ ଭଦ୍ରକ ଜିଲ୍ଲାପାଳ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ପୂର୍ବରୁ ଶ୍ରୀମତୀ ପରିଡ଼ା ବାଲେଶ୍ୱର ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ ।

***Desk***

## ହସ୍ତଶିଳ୍ପ ପ୍ରଦର୍ଶନୀ

ଐତିହାସିକ ବାଲିଯାତ୍ରା, କଟକରେ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି । ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗର ଶାସନ ସଚିବ

ତଥା କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ୍ ତାପସ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ପ୍ରଦର୍ଶନୀରେ ରାଜ୍ୟ ସରକାରଙ୍କ ମାନ୍ୟତାପ୍ରାପ୍ତ ୧୦୨ଟି ଷ୍ଟଲ୍‌ରେ ହସ୍ତଶିଳ୍ପ ଉପକରଣମାନ ଉପଲବ୍ଧ ହେଉଛି । ସେହିପରି ବାଲିଯାତ୍ରାରେ ରୁପା ତାରକସୀ ପାଭିଲିୟନ୍ ଏବଂ ବୟନିକାଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ହସ୍ତତନ୍ତ ମେଳାକୁ ମଧ୍ୟ ଶ୍ରୀମତୀ ଗୁହା ପୁନମ୍ ଉଦ୍‌ଘାଟନ କରିଛନ୍ତି ।

***BBSR/R***

## ଶ୍ରମ ଆୟୁକ୍ତ - ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱରସ୍ଥିତ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପରିସରରେ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଯୁଗ୍ମ ଶ୍ରମ ଆୟୁକ୍ତ ଏବଂ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କୁ ନେଇ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ କର୍ମଚାରୀ କ୍ଷତିପୂରଣ ଆଇନ, ଗ୍ରାଚୁଇଟି ପ୍ରଦାନ ଆଇନ ଓ ସର୍ବନିମ୍ନ ମଜୁରି ଆଇନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶ୍ରମ ଓ କର୍ମଚାରୀ, ରାଜ୍ୟ ବୀମା ବିଭାଗ ଅତିରିକ୍ତ ଶାସନ ସଚିବ ରାଜେଶ କୁମାର ଅଗ୍ରୱାଲ୍ କାର୍ଯ୍ୟକ୍ରମରେ ଯୋଗଦେଇ ଉପସ୍ଥିତ ଅଧିକାରୀମାନଙ୍କୁ ନିଷ୍ଠା ଓ ସ୍ୱଚ୍ଛତା ସହ କାର୍ଯ୍ୟ କରିବା ସହ ବିଭିନ୍ନ ବର୍ଗର ଶ୍ରମିକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ ।

*Deogarh/R*

# ସାଇବର ସଚେତନତା

ଦେବଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଜିଲ୍ଲା ପୁଲିସ୍ ପକ୍ଷରୁ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସାଇବର ଅପରାଧକୁ କିପରି ରୋକାଯାଇ ଯୁବପିଢ଼ିକୁ ଏଥିରୁ ନିବୃତ୍ତ କରାଯାଇପାରିବ, ସେ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହୋଇଥିଲା । ଏ ସମ୍ପର୍କରେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

*Nayagarh/R*

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍ ସାମାଜିକ ସଶକ୍ତୀକରଣ ବିଭାଗ ପକ୍ଷରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ଦଶପଲ୍ଲା ରାଧାମୋହନଜିଉ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଶିବିରରେ ବିଭିନ୍ନ ବିଭାଗର ଡାକ୍ତର ୨୫୬ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।

*Malkangiri/R*

## ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ମାଲକାନଗିରି କୋରୁକୋଣ୍ଡା ବ୍ଲକ୍ ପଡ଼ିଆରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ପାରମ୍ପରିକ ମତ୍ସ୍ୟଚାଷ ପରିବର୍ତ୍ତେ ସମନ୍ୱିତ ଚାଷ, ଉନ୍ନତ ଜ୍ଞାନକୌଶଳର ଉପଯୋଗ କରି ମତ୍ସ୍ୟଚାଷ, ଗୋପାଳନ, ଉଦ୍ୟାନ କୃଷି କରିବାକୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ ।

*Nayagarh, Sambalpur, Kendrapara/R*

## ଶିଶୁ ମହୋତ୍ସବ ‘ସୁରଭି’

ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି-୨୦୨୫’ର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଛି । ଏଥିରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ ମହୋତ୍ସବ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଶିକ୍ଷା ସହ ସଂସ୍କୃତିର ଅଭିଜ୍ଞତା ଲାଭ କରୁଛନ୍ତି ବୋଲି ମତପ୍ରକାଶ କରିଛନ୍ତି । କୃତୀ ଛାତ୍ରଛାତ୍ରୀମାନଙ୍କୁ ବାଚସ୍ପତି ପୁରସ୍କୃତ କରିଛନ୍ତି ।

ସମ୍ବଲପୁରରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ଓ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ସଫଳ ମାଣ୍ଡିଆ ଚାଷୀମାନଙ୍କୁ ସମ୍ମାନିତ କରାଯିବା ସହ ବିଭିନ୍ନ ଷ୍ଟଲ୍‌ରେ ଖାଦ୍ୟସାମଗ୍ରୀମାନ ପ୍ରଦର୍ଶିତ ହୋଇଥିଲା । ଶେଷରେ ଛାତ୍ରଛାତ୍ରୀମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

କେନ୍ଦ୍ରାପଡ଼ା ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି', ପ୍ରଧାନମନ୍ତ୍ରୀ ବିଦ୍ୟାଳୟସମୂହ ଉଦୀୟମାନ ଭାରତ ଏବଂ ଛାୟା ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

***Koraput/R***

## ମାଣ୍ଡିଆ ଦିବସ

କୋରାପୁଟ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କାର୍ଯ୍ୟକ୍ରମରେ ଯୋଗଦେଇ ନୂତନ ପ୍ରଣାଳୀରେ ମାଣ୍ଡିଆ ଚାଷ କରି ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ୨ ଲକ୍ଷ ୫୦ ହଜାର କୁଇଣ୍ଟାଲ ମାଣ୍ଡିଆ ଉତ୍ପାଦନ ହେଉଥିବା ଶ୍ରୀ ମହାଜନ କହିଛନ୍ତି । ଜନସାଧାରଣ ମାଣ୍ଡିଆକୁ ଦୈନିକ ଖାଦ୍ୟରେ ସାମିଲ୍ କରିବାପାଇଁ

ସେ ପରାମର୍ଶ ଦେଇଛନ୍ତି । ୨୦୨୨ ମସିହାରୁ ମାର୍ଗଶୀର ମାସ ପ୍ରଥମ ଗୁରୁବାର ଦିନ ମାଣ୍ଡିଆ ଦିବସ ପାଳିତ ହୋଇଆସୁଛି ।

******